ପାଣ୍ଡବାସୁର ବଧ
ଆହୋ ଅନ୍ଧକର ବଂଶେ ଯେ ପାଣ୍ଡବାସୁର ବୀର
ପଣ୍ଡୁବତୀର ଗର୍ଭରୁ ଯେ ଉପୁଜିଲା ବ୍ରହ୍ମ ଅସୁର ।୧ ।
ଅନ୍ଧକର ପୁତ୍ର ଯେ ପାଣ୍ଡବା ମହାସୁରା
ହସ୍ତିନା ଭୁବନକୁ ସେ ବାହିଲା ମହାବୀରା ।୨ ।
ଥାଠ ସନ୍ୟ ନାହିଂ ସେ ଅସୁରର ତୁଲେ
ବ୍ରହ୍ମା ରୁଦ୍ରକଇଂ ସେ ଜିଣଇ ସାଂଗ୍ରାମେ ପଶିଲେ ।୩ ।
ବାମକରେ ଶୂଳ ଡାହାଣ କରେ କୃପାଣଇ
ୟେତେକ ଘେନିଣ ସେ ସକଳ ଭୁବନ ଜିଣଇ ।୪ ।
ସାଂଗ୍ରାମେ ନିର୍ଭୟା ସେ ଦାନବ ମହାବଳୀ
ଜିଭରୁ ରୁଧିର ଦେଇ ତ୍ରିପୁତି କଲା ଭଦ୍ରକାଳୀ ।୫ ।
ପ୍ରସନ୍ନେ ବର ତାକୁ ଦିଲେ ମହାଦେବୀ
ଭଗବତୀ ବରେ ସେ ଦାନବ ତ୍ରିଜୀବୀ ।୬ ।
ସେ ପାଣ୍ଡବାସୁର ଯେ ବାହିଲା ଭୁବନ ହସ୍ତିନା
ଶରୀରେ ଶହସ୍ର ନ ଭେଦଇ ସେ ଅଟଇ ବଜ୍ରସେହ୍ନା ।୭ ।
ଯେତେକ ଜୀବ ଜନ୍ତୁ ଦେଖୁଅଛି ପଥେ ଯାଉଂ
ଆହାର ନ ଅଣ୍ଟଇ ଯେତେକ ଜନ୍ତୁ ଖାଉଂ ।୮ ।
ହସ୍ତିନା ରାଜ୍ୟେ କଲା ଅନେକ ଅରଷ୍ଟି
ବାରତା ପାଇଣ ଧାଇଂଲେ ସେ କୁମାର ଧୃତରାଷ୍ଟି ।୯ ।
ରଇବ୍ରତ ଆଖଡାୟେ ବଳରାମଙ୍କ ତୁଲେ ଥିଲେ
ନିଦାଘ ବନେ ସେ ପାଣ୍ଡବାସୁରକୁ ଦେଖିଲେ ।୧୦ ।
କର୍ଣ୍ଣ ବୋଇଲା ୟେ ଯେ ଅଟଇ ଅସୁର ଅରି
ତପବନ ଭାଞ୍ଜି ସେ ରଷିନ୍ତ ନାଶ କରି ।୧୧ ।
------------------------

୫ { ସାଂଗ୍ରାମେ ନିର୍ଭୟେ ଦାନବ ମହାବଳୀ
{ ଅଭୟେ ବର ତାକୁ ଦିଲେ ଯେ କପାଳୀ ।
୬ { ଭଗତି କରିଣ ସେ ଦାନବ ତ୍ରିଜୀବୀ
{ତାହାକୁ ଯୁଦ୍ଧେ କେହି ନୋହୋନ୍ତି ସମୃର୍ବି ।
୧୧ ।୧ ଅସୁର ଅରି- ଅସୁର ଶ୍ରେଷ୍ଠ, ଅରି-ଈଶ୍ୱର (ଋଗଦେବ ୧୦, ୨୮-୧)

ଦ୍ରିଯୋଧନ ବୋଇଲା ବେଢଣ ଧର ୟେହା
ମାରିବା ନିଶାଚାର ତପୋଧନଙ୍କ ଦୋରେହା ।୧୨ ।
ୟେତେକ ବିଚାରି ବେଢିଲେ ତାହାକଇ କୋପେ
ନରଜନ୍ତୁ ଦେଖି ସେ ଉଷତ କଉଣୋପେ ।୧୩ ।
କୁରୁବୀରେ ଗଦା ମୂଷଳନ୍ତ ବୁଲାଇଲେ ତୋଳି
ଅସୁର ଶରୀରେ ପଡି ଗଦାବର ହୋଇଲାକ ଧୂଳି ।୧୪ ।
ଗଦାବର ଭଞ୍ଜନ୍ତେ ଯେ ହୋଇଲେ ବିରସେ
ଲୋଚି ହୋଇ ରହିଲେ ସମସ୍ତ କୁରୁବୀର ନିରାଶେ ।୧୫ ।
ଦେଖିଣ ପାଣ୍ଡବାସୁର ଅତି ଗରୁ ତାପ
ବଜ୍ର ମୂଷଳ ଘେନି ସେ ମାଇଲା କଉଣୋପ ।୧୬ ।
କର୍ଣ୍ଣ ଦ୍ରିଯୋଧନ ଦୁଶାସନ ଦୁର୍ଜୟେ
ଅଶସ୍ତମା ଆଦି କରି ପଡିଲେ ଅସୁର ଶସ୍ତ୍ର ଘାୟେ ।୧୭ ।
ତବଦେଣ କୁରୁବୀରେ ପଳାଇଲେ ବିକଳେ
ସବୁନ୍ତି ହିଂ ଗୋଡାଇ ମାଇଲା ବ୍ରଜ ଯେ ମୂଷଳେ ।୧୮ ।

ଗାନ୍ଧାରୀ ଶତେ ପୁତ୍ର ଆବର କର୍ଣ୍ଣ ଅଶସ୍ତମା
ସବୁନ୍ତି ମାଇଲା ସେ ଅସୁର ଦୁରାତମା ।୧୯ ।
ସବୁଙ୍କରି କେଶ ସେ ଧଇଲା ଲୋଚି କରି
ବେନି ଭୁଜେ ଟୋଳି ଆଣଇ ବାରୁଣାବନ୍ତ ଗିରି ।୨୦ ।
ବୋଇଲା ଦରବେ ଯେବେ ଦିଲାକ ମେଞ୍ଜନ
ୟେ ପର୍ବତ ଉପରେ ବସି କରିବି ଭୋଜନ ।୨୧ ।
ଯୁଝେଷ୍ଠି ରହି ଅଛନ୍ତି ସେହି ବାରୁଣାବନ୍ତେ
ଭୀମସେନକୁ ନ ଦେଖି ବୁଲନ୍ତି ଚାରି ଭ୍ରାଥେ ।୨୨ ।
ପର୍ବତ ଉପରେ ସେ ମୃତୁ ପିଣ୍ଡମାନ ଥୋଇଂ
ନଦୀରେ ସ୍ନାହାନ ଯେ କରଇ ଅବଗାହି ।୨୩ ।
ଯୁଝେଷ୍ଠି ଦେଖିଲେ ଯେ ଧୃତରାଷ୍ଟର ପୁଅନ୍ତ
ଭୟେଣ ଯୁଝେଷ୍ଠି ଦେବ ହୋଇଲେ ଅନ୍ତର୍ଗତ ।୨୪ ।
----------------------------------------
୧୯ ।୧ ଶଲ୍ୟ ଆଦି କରି ଯେ ଆବର କୃପବ୍ରହ୍ମା ।

ଭୀମକୁ ସୁମରନ୍ତି ଯେ ଦେବ ଧର୍ମଶିଷି
ବୈବୁ ଅନାସ୍ତର ନାଥ ତୁ କେଣେ ଅଛୁ ପଶି ।୨୫ ।
ବାବୁ କେବଣ ରାକ୍ଷସ ମୋର ଭାଇନ୍ତ ନାଶ କଲା
ଆମ୍ଭେ କି ବ୍ରତିବୁ ୟେତେ ପ୍ରମାଦ ପଡିଲା ।୨୬ ।
କ୍ରୋଧଭରେ ସୁମରିଲେ ଯହୁଂ ଧର୍ମର ନନ୍ଦନ
ପାତାଳେ ଆସନ ଯେ କ-ିଲା ଭୀମସେନ ।୨୭ ।
ବୋଲଇ ବ୍ରିକୋଦର ଶୁଣ ଗୋ ବେଲାବାଳୀ
ମୋତେ ନ ଦେଖି ମୋହୋର ସୋଦରେ ବିକଳୀ ।୨୮ ।
ଜାତଗୁରୁ ଯେ ଅଟନ୍ତି ମୋର ନିଜ ମାତ
ଆତ୍ମାଗୁରୁ ମୋର ତୁହି ପ୍ରାଣର ସଂଘାତ ।୨୯ ।
ଭ୍ରାତା ମାତାଙ୍କୁ ମୁଂ ଯାଇଂ ଦ୍ରଶନ କରିବି
ପୁଣ ତୋର ତହିଁକିଂ ଗୋ ବହନ ଆସିବି ।୩୦ ।
ବୋଇଲା ଯେ ବେଲାବାଳୀ ଶୁଣ ହୋ ପ୍ରାଣନାଥ
ଦେଖିବୁ ନାହିଂ କି ସ୍ୱାମୀ ତୋହୋର ସୋଦରନ୍ତ ।୩୧ ।
ତୋହୋର ବୀର୍ଯ୍ୟ ଯେ ମୋହୋର ଗର୍ଭେ ପଡି
ମୋହୋର ଉଦର ଯେ ହୋଇଛି ଅଳ୍ପ ଅଳ୍ପ ଭାରି ।୩୨ ।
ୟେଥକୁ ନ ପୁଣ ସ୍ୱାମୀ ମନେ କରୁ ଭ୍ରାନ୍ତି
ନ ପୁଣ କାଳେ ବୋଲୁଟି ତୁ ହୋଇଲୁ ଅସତୀ ।୩୩ ।
ଭୀମସେନ ବୋଇଲା ଗୋ ଅବଶ୍ୟ ହୋଇବ ଦୁଲାଳ
ନାମ ଦେବୁଟି ତାହାର ତୁ ବଳୀ ଯେ ବେଲାଳ ।୩୪ ।
ମୁହିଂ ଯେ ମହାବଳୀ ତୁ ଅଟୁ ବେଲାବଳୀ
ଦୁହିଂଙ୍କର ନାମ ଦେଇ ଥିବୁଟି ନାଗର ଦୁଲାଳୀ ।୩୫ ।
ନାଗେଣୀକି ବୁଝାଇ ସେ ଚଳଇ ବ୍ରିକୋଦର
ନାଗେଣୀର ମାୟାରୁ ସେ ଯେ ହୋଇଲା ବାହାର ।୩୬ ।
ସ୍ନାହାନ କରିଣ ସେ ଆସଇ ପାଣ୍ଡବାସୁର କଉଣୋପ
ମୃତୁ ପିଣ୍ଡମାନଙ୍କର ସେ ମିଳିଲା ସମୀପ ।୩୭ ।
----------------------------------------
୩୪ ।୨ ନାମ ଦେବୁଟି ତାହାର ବଳୀ ଯେ ବେଲାଉଳ ।

ଯୁଝେଷ୍ଠି ଅର୍ଜ୍ଜୁନ ନକୁଳ ସହଦେବ

ଚାରି ଭାଇ ଆସିଣ ମିଳି ଓଗାଳିଲେ ଦାନବ ।୩୮ ।
ଦେଖିଣ ଦାନବ ସେ ମୂଷଳେକ ବୁଲାଇ
ପର୍ବତ ଉପରକୁ ସେ ଆସୁଅଛି ଧାଇଂ ।୩୯ ।
ଦେଖିଣ ଅର୍ଜୁନ ବିନ୍ଧିଲା ହାବୁଡା ନାମେ ଶର
ଧାଡିକାରେ ପଡିଲା ସେ ଦାନବ ଉପର ।୪୦ ।
ଦେହ ଫୁଟିଲା ସେ ହାବୋଡା ଶରଘାତେ
ରୁଧିର ବୃଷ୍ଟି ଯେ ହୋଇଲା ଦୁରାପାତେ ।୪୧ ।
ପୁଣି ଉଠିଲା ସେ ଦୁର୍ଦ୍ଧାର କଉଣୋପ
ଅର୍ଜୁନକୁ ଶୂଳେ ପିଟିଲା ଗରୁ ତାପ ।୪୨ ।
ଅର୍ଜୁନ ପ୍ରହାର କଲା ବ୍ରଜ ଯେ ମୁଦଗର
ବେନି ଶସ୍ତ୍ର ହାବୋଡନ୍ତେ କ˜ିଲା ସ୍ୱର୍ଗପୁର ।୪୩ ।
ଯେହେନେକ ସାଂଗ୍ରାମ କରନ୍ତେ ଘୋର ମହାରଣ
ଭୀମସେନ  ପ୍ରବେଶ ହୋଇଲା ତତକ୍ଷଣ ।୪୪ ।
ଦେଖିଣ ପରମ ସାନନ୍ଦ ହୋଇଲେ ଯୁଝେଷ୍ଠି
ବାବୁ ଧୃତରାଷ୍ଟ୍ର ପୁଅଙ୍କର ଦେଖରେ ଅରଷ୍ଟି ।୪୫ ।
ବାବୁ ରଇବ୍ରତ ପର୍ବତ ଆଖଡାରୁ ଆସୁଛନ୍ତି
ପାଣ୍ଡବାସୁର ଦତ୍ୟ ଯେ ମାଇଲା ସବୁନ୍ତି ।୪୬ ।
ଆହାର କରନ୍ତେ ଆମ୍ଭେ ଭେଟିଲୁ ଅସୁରକୁ
ଅନେକ ଯୁଦ୍ଧ କରି  ଜିଣି ନ ପାରିଲୁ ଯେହାକୁ ।୪୭ ।
ଭୀମସେନ ବୋଇଲା ଦେବ କଥାକୁ ନ ବଢ
ଖାଉ ଖାଉ ଅସୁର କଉରୋବଙ୍କୁ ତୁମ୍ଭେ ବେଗେଂ ଛାଡ ।୪୮ ।
ଆପଣାର ବଇରି ଦେବ ମାରୁଅଛି ପର
ଯେହି ସେ ପରମ ହିତ ହାଦେ କାର୍ଯ୍ୟହିଂ ଅପାର ।୪୯ ।
ଗଣ୍ଡା ଗୋଟି ଘେନି ଦେବ ଗଲି ଯେବଣ ଦିନେ
ଭୁଞ୍ଜାଇ ବସାଇଲେ ମୋତେ ଦ୍ରିଯୋଧନ ଧୁଶାସନେ ।୫୦ ।
-----------------------------

୪୮ ।୨ ଖାଉ ଅସୁର ଏ କଇରୋବେ ବଢ ମୂଢ ।

କପଟ କରିଣ ଅଛନ୍ତି ଯେ ପାକ ମହାରସ
ତହିଂର ଭିତରେ ଲଇ ମୋତେ ପରଶିଲେ ବିଷ ।୫୧ ।
ବିଷ ଖାଇ ଦେବ ମୁଂ ଢଳିଲି ଯେତେବେଳେ
ନାଗେଣୀ ଖାଉ ବୋଲି ମୋତେ ମେଲି ଦିଲେ ଅଗାଦ ଜଳେ ।୫୨ ।
ସ୍ୱାମୀ ଅନନ୍ତ ନାଗର ଯେ ଦୋହିତା ବେଲାବାଳୀ
ନାଗେଣୀ ବୃନ୍ଦ ଘେନି ସେ ତ୍ରିଡାରଙ୍ଗ କେଳି ।୫୩ ।
ମୋତେ ଦେଖି ପାତାଳ ଭୁବନକୁ ଘେନି ଗଲେ
ଅମୃତ ଦେଇ ମୋତେ ସେ ଜିଆଇଂଲେ ସୁବେଳେ ।୫୪ ।
ଅନନ୍ତ ରାଜା ମୋତେ ବିଭା ଦିଲାକ କୁମାରୀ
ଅନେକ ଭଗତି ମୋତେ ହୋଇଲା ନାଗର କୁମାରୀ ।୫୫ ।
ଆସନ କ˜ିଲା ଦେବ ତୁମର ସୁମରନ୍ତେ
ଯେକା ନିଶ୍ୱାସକେ ଅଇଲି ନାଗୁଣୀର ମହାମନ୍ତ୍ରେ ।୫୬ ।
ଭୋ ଦେବ ନାଶ ଆମ୍ଭେ ଯାହା କରନ୍ତୁ ବଇରି
ଦଇବ ନାଶିଲା ଯେହାଙ୍କୁ ଶୋକ ଛାଡ ଦଣ୍ଡଧାରୀ ।୫୭ ।
ଛାଡ ଛାଡ ଦେବ କୌରବନ୍ତ  ପାଣ୍ଡବାସୁର ଖାଉ
ଯାବତ କାଳକୁ ଆମ୍ଭର ଅରଷ୍ଟି ମାନ ଯାଉ ।୫୮ ।
ଯଦ୍ୟପି ଦ୍ରିଯୋଧନ ଯେଥୁ ପ୍ରାଣ ପାଇଯିବ

ଅନେକ ଦୁଖ ପାଇବା ଦେବ ରାଜ୍ୟ ପ୍ରାପତ ନୋହିବ ।୫୯ ।
ଯୁଝେଷ୍ଠି ବୋଇଲେ ବାବୁ ଦ୍ରିଯୋଧନକଇ ନ କର କୋପ
ଦଇବ ଦଣ୍ଡ ବିହିଲା ତହିଂର ଅନରୂପ ।୬୦ ।
ଆମ୍ଭଙ୍କୁ ପାପ ଚିତ୍ତେ ଯାହା ଚିନ୍ତିଲା ଆପଣେ
ପ୍ରତ୍ୟକ୍ଷେ ଦେଖ ବାବୁ ଫଳିଲା ୟେହିକ୍ଷଣେ ।୬୧ ।
ବାବୁ ରେ ଅଣଉପଗାରୀ ପରହିଂସକ ଯେଉଂ ପ୍ରାଣୀ
ଆପଣେ ନ କଲେ ୟେହା ଦଇବ ବିହଇ ଯେ ଆଣି ।୬୨ ।

---------------------------------

୫୧ ।୨ ଲଡୁର ଭିତରେ ମୋତେ ଭରିଣ ଦିଲେ ବିଷ ।

୬୨ { ପରରେ ଜିଘାଂସଟି କରନ୍ତି ଯେଉଂ ପ୍ରାଣୀ

{ ଅମ୍ୟ ସ୍ଥାନେ ନୋହିଲା ଦଣ୍ଡ ବିହି ତ କଲା ଆଣି ।

ଧର୍ମହିଂ ସେ ଚାରି ଯୁଗେ ବର୍ଧୁତ ଅଟଇ ରେ ବାବୁ
ଧର୍ମ ସେ ସଚରାଚର ପାଳନ କରଇ ସବୁ ।୬୩ ।
ଧର୍ମ ଥିଲେ ଜିଘାଂସ ନାହିଂଟି ପ୍ରାଣୀକି
ଆପଦ ବିପଦ ପଡିଲେ ଧର୍ମହିଂ ସେ ପ୍ରାଣୀକି ରଖି ।୬୪ ।
ବାବୁ ଅନିତ୍ୟ ସମସାର ୟେ ନୋହଇ କାହାରି
ଜଳ ବିମ୍ବ ଫୋଟକା ପ୍ରାୟେ ସଂସାର ବିହରି ।୬୫ ।
ତୁ ଯେ ଅଧର୍ମରେ ନାହୁ ମୋର ଭୀମ
ମୃତ ପିଣ୍ଡ  ଜୀଆଂଇଲେ ଉଦିତ ହୋଇ ଧର୍ମ ।୬୬ ।
ଅଧର୍ମ ଲୋକଙ୍କୁ ବାବୁ ଧର୍ମ କରାଉଥିବା
ସେହି ତମ୍ଭ ନାଶ ଯିବେ ଆମ୍ଭେ ଧର୍ମେଣ ଉତୁରିବା ।୬୭ ।
ବାବୁ ଧୃତରାଷ୍ଟ୍ର ପୋୟେ ଯେ ଆମ୍ଭର ସୋଦର
ୟେହାନ୍ତ ଉଦ୍ଧର ଭାଇ ଧର୍ମ ଉପୁଜୁ ତିନି ପୁର ।୬୮ ।
ମୁହିଂ ତୋର ଆପଦ ଘେନଇ ଆରେ ବାପ
ଅସୁରକୁ ବଧ କର ଦ୍ରିଯୋଧନକୁ ଛାଡ କୋପ ।୬୯ ।
ଆମ୍ଭର ଦେଖନ୍ତେ ଯେବେ ଦ୍ରିଯୋଧନ ନାଶ ଯିବ
ଅନ୍ଧରାଜ ଗୋଟି ମୋର ଭାଇ ରେ ଅନାସ୍ତ ହୋଇବ ।୭୦ ।
ବାବୁ ଯଦ୍ୟପି କଉରୋବ ରେ ମରିବେ ୟେ ପ୍ରସ୍ତାବେ
ମୁହିଂ କି ବ୍ରତିବି ଦ୍ରିଯୋଧନର ଅଭାବେ ।୭୧ ।
ଯୁଝେଷ୍ଠିଙ୍କର ମୁଖରୁ କଷ୍ଟୋର ବଚନ ଯେ ଶୁଣି
ଅସୁର ଉପରକୁ ବୀର ଉଠିଲା ଶିର ଝୁଣି ।୭୨ ।
ବ୍ରିକୋଦରକୁ ଦେଖିଣ ପାଣ୍ଡବାସୁର ବେଗେ
ବଜ୍ର ମୂଷଳ ଧରି ପିଟିଲା ଭୀମସେନ ବାମ ଅଙ୍ଗେ ।୭୩ ।
ପଡିଣ ବଜ୍ର ମୂଷଳ ଚୂର ହୋଇଗଲା
ଅସିବର ଘେନି କୋପେ ଅସୁର ଧାଇଂଲା ।୭୪ ।
ଖଡକ ପ୍ରହାରନ୍ତେ ଯେ ଧଇଲା ମାରୁତି
ଅସୁର ହାଥୁଂ ଉଛୁଡି ଘେନିଗଲା ଝାଡି ।୭୫ ।
ସେ ଅସିବର ଭୀମ ଉର୍ଦ୍ଧବାହୁ କରି ହାଣି
ପଡିଣ ଅସୁରର ଛିଡିଲା ଦକ୍ଷିଣ ପାଣି ।୭୬ ।
ପୁଣି ଆରେକ ବେଳେ ଯେ ପ୍ରହାର ଭୀମ କଲା
ବାମ କର ପାତିଲା ଯେ ଛିଡିଣ ପଡିଲା ।୭୭ ।
ପୁଣି ଆରେକ ବେଳେ ପିଟିଲା କୋପାନଳେ
ତାଳୁଠାରୁ ପାଦ ପରିଯନ୍ତେ ହୋଇଲେ ବେନି ଫାଳେ ।୭୮ ।

ପର୍ବେଣ ବର ତାକୁ ଦେଇଛନ୍ତି ଭଦ୍ର କାଳରାତ୍ରି
ଶରୀରେ ନ କାଟିବ ତୋର ବଜ୍ର ଛେଲ କାତି ।୭୯ ।
ତୀକ୍ଷ ଅସିବର ଶୂଳକେ ଦିଲେ ହାଥେ
ଯେ ଦୁହେଂ ହସ୍ତରେ ଥିଲେ ତ୍ରୈଲୋକ୍ୟେ କେହି ଜିଣନ୍ତା ନାହିଂ ତୋତେ ।୮୦ ।
ତୋହୋର ହିଂ ଶହସ୍ର ଛଡାଇ ତୋତେ ଯେ ମାରଇ
ତେବେ ସେ ଶରୀର ତୋହୋର ହଇବ ଅପହାରଇ ।୮୧ ।
ସେ କାଳୀଙ୍କର ବଚନ ହେ ନୋହଇ ଆନ କଲା
ତାହାର ଅସିବାରେ ସେହି ସେ ନାଶ ଗଲା ।୮୨ ।
ନମସ୍ତେ ସୁରବର ସୁନ୍ଦର ଶ୍ରୀରାମ
ନମସ୍ତେ ଇଛାଙ୍କୁର ବଂଶ ମଣ୍ଡନ ଗୁଣ ଧାମ ।୮୩ ।
ନମସ୍ତେ ରଘୁନାଥ ଅମଳାଣ ସୂର୍ଯ୍ୟବଂଶୀ
ନମସ୍ତେ ଶ୍ରୀରାମ କଉଶୋପ ବଳ ଧ୍ୱଂସୀ ।୮୪ ।
ନମସ୍ତେ ଶ୍ରୀରାମ କୋଦଣ୍ଡ ଦୀକ୍ଷା ଗୁରୁ
ନମସ୍ତେ ଶ୍ରୀରାମଚନ୍ଦ୍ର ରାବଣ ଦର୍ପ ହରୁ ।୮୫ ।
ବାରାନିଧି ବନ୍ଧନ ନାଥ ହରିବଳ ପ୍ରାଣବନ୍ଧୁ
ଅଧାରଣ ପୁରୁଷ ଉଦ୍ଧାରଣ ତୁହି ପବିତ୍ର ପୂର୍ଣ୍ଣଇନ୍ଦୁ ।୮୬ ।
-----------------------

୭୮ ।୨ "ତାଳୁ ଠାରୁ ପାଦ ପରିଯନ୍ତେ ହୋଇଲେ ବେନିଫାଳ ।" ପାଦାନ୍ତ ପରେ
କେତେକ ପୋଥିରେ ଅଧିକା ପାଠ-
ପଡିଲେ ଅସୁର ସେ ମେରୁରୁ ଅଚାର୍ଗଳ
ପଡନ୍ତେ କ ିଲା ସେ ପର୍ବତ ମଣ୍ଡଳ ।
ପଡିଲା ଦତ୍ୟ ଯେ ମେରୁ ଗିରି ଜାଣି
ପୂର୍ବେ ବର ତାକୁ ଦେଇଥିଲେ ଗୋସାମଣି ।
୮୬ ।୧ ବାରାନିଧି ବନ୍ଧନ ନାଥ ଜାନକୀ ପ୍ରାଣବନ୍ଧ ।
୮୩ ।୨ ଇଛାଙ୍କୁର-ଇକ୍ଷ୍ୱାକୁର

ଥାବର  ଜଙ୍ଗମ ଯେ କୀଟ ପତଙ୍ଗ ଆଦି
ତବ ପ୍ରସାଦେ ନାଥ ସବୁରି ବ୍ରତ ସିଦ୍ଧି ।୮୭ ।
କଉଶିକର ପ୍ରସନ୍ନେ ତାଡକୀ ଦର୍ପ  ଗଞ୍ଜି
ଜନକ ଋଷି ଘରେ ଶିବଧନୁ ଭାଞ୍ଜି ।୮୮ ।
ଅଭୟ ଭୁବନେ ଯେ ବଇକୁଣ୍ଠପୁର ବାସୀ
ଯାହାର ନାରାଜେ ଅସୁର ଦର୍ପ ଧଂସି ।୮୯ ।
ଅନନ୍ତ ଦୁର୍ଗଳ ଜଳ ଯେ କଲା ଯେକ ବାଟ
ଅହିଲା ସ୍ୱର୍ଗ ପାଇଲା ଫିଟିଲା ଗରୁ କଷ୍ଟ ।୯୦ ।
ଶ୍ରୀ ଭଗବନ୍ତ ନାରାୟଣ ଚରଣେ ଶରଣ
ସୂର୍ଯ୍ୟ ବଂଶିକ ନାଥ ମୋତେ କରିବା ଉଦ୍ଧାରଣ ।୯୧ ।
ଯଦ୍ୟପି ଶ୍ରୀରାମ ମୁଂ ଦେଖନ୍ତି ବେନି ତୋଳେ
ସ୍ନାହାନ ଭୋଜନ ମୁହିଂ ତେଜନ୍ତି ସର୍ହକାଳେ ।୯୨ ।
ଅଭୟ ପଦ୍ମପାଦ ଗୋଟି ପାଷାଣର ରେଖା
ଯେ ସଂସାର ଅନ୍ଧ ପଟଳରୁ ମୋତେ ମୁକତି ବାଟ ଦେଖା ।୯୩ ।
ନୟନେ ନ ଦେଖି ଯାହା ଶ୍ରବଣେ ନ ଶୁଣିଲି
ଗ୍ୟାଂନକୁ ଉପଲେଖି ମୁଂ ଶବଦକୁ ଗୋଡାଇଲି ।୯୪ ।
ଶ୍ରୀ ଜାନକୀ ବଲ୍ଲଭ ଚରଣେ ନିଜ ଦାସ
ଶୁଦ୍ରମୁନି ସାରୋଳା ଦାସକୁ ବୈକୁଣ୍ଠରେ ଦେବା ବାସ ।୯୫-୬୧୫୯ ।

********************